# NATIONAL NEWS BULLETIN (ODIA)

## 12 October- 2025

## Mid Bulletin : 1.50 p.m.

## ମୁଖ୍ୟ ସମ୍ବାଦ

- ଦେଶର କୃଷକମାନଙ୍କୁ ବିକଶିତ ଭାରତର ପ୍ରମୁଖ ବିନ୍ଧାଣୀ ଭାବେ ଗଢ଼ିତୋଳିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଲେ ପ୍ରଧାନମନ୍ତ୍ରୀ ।

- ଦେଶର ସମସ୍ତ ବିଦ୍ୟାଳୟଗୁଡ଼ିକୁ ୟୁପିଆଇ ମାଧ୍ୟମରେ ଦେୟ ଗ୍ରହଣ ଲାଗି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପରାମର୍ଶ ।

- ପଶ୍ଚିମବଙ୍ଗର ଏକ ଘରୋଇ ମେଡ଼ିକାଲ କଲେଜ ଗଣଦୁଷ୍କର୍ମ ଘଟଣାରେ ପୋଲିସକୁ ରିପୋର୍ଟ ମାଗିଲେ ଜାତୀୟ ମହିଳା ଆୟୋଗ ।

- ସେସେଲ୍ସର ନବନିର୍ବାଚିତ ରାଷ୍ଟ୍ରପତି ପ୍ୟାଟ୍ରିକ୍ ହର୍ମିନିଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

ଏବଂ

- ଆଇସିସି ମହିଳା ଏକଦିବସୀୟ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ମୁହାଁମୁହିଁ ହେବେ ଭାରତ ଓ ଅଷ୍ଟ୍ରେଲିଆ ।

# ପିଏମ୍-ଏଗ୍ରି ସେକ୍ଟର ସ୍କିମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି କ୍ଷେତ୍ରରେ ଆତ୍ମନିର୍ଭରତା ମିଶନ୍' ଦେଶର ଲକ୍ଷ ଲକ୍ଷ ଚାଷୀଙ୍କ ଭାଗ୍ୟରେ ପରିବର୍ତ୍ତନ  ଆଣିବ । ଶ୍ରୀ ମୋଦୀ କହିଛନ୍ତି, ଏହି ଯୋଜନାରେ ଆତ୍ମନିର୍ଭରଶୀଳତା, ଗ୍ରାମୀଣ ସଶକ୍ତିକରଣ ଏବଂ କୃଷି ନବସୃଜନର ଏକ ନୂତନ ଯୁଗ ଆରମ୍ଭ କରିବା ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି ।

**V/O (PM Farmer )**

ଗତକାଲି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ୪୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ଯୋଜନାର ଶୁଭାରମ୍ଭ କରି କହିଛନ୍ତି ଗତ ଏଗାର ବର୍ଷ ମଧ୍ୟରେ ଦେଶର କୃଷି ରପ୍ତାନୀ ପ୍ରାୟ ଦ୍ୱିଗୁଣିତ ହୋଇଛି । ସେହିପରି ଖାଦ୍ୟ-ଶସ୍ୟ ଉତ୍ପାଦନ ମଧ୍ୟ ପ୍ରାୟ ୯୦ ନିୟୁତ ମେଟ୍ରିକ୍ ଟନ୍ ବୃଦ୍ଧି ପାଇଛି ।

# ଏଜୁକେଶନ ମିନିଷ୍ଟ୍ରି-ୟୁପିଆଇ

ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକୁ ୟୁପିଆଇ ମାଧ୍ୟମରେ ଆଡମିଶନ ଏବଂ ପରୀକ୍ଷା ଦେୟ ଗ୍ରହଣ କରିବା ଲାଗି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପରାମର୍ଶ ଦେଇଛି । ପ୍ରଶାସନିକ ବ୍ୟବସ୍ଥାର ଆଧୁନିକୀକରଣ ଏବଂ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଲାଗି ଏହି

ବ୍ୟବସ୍ଥାରେ ସହଜରେ ଦେୟ ପ୍ରଦାନ କରାଯାଇପାରିବ ବୋଲି କୁହାଯାଇଛି । ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ **NCERT, CBSE, KVS** ଓ **NVS** କର୍ତ୍ତୃପକ୍ଷଙ୍କୁ ଏକ ପତ୍ର ଜରିଆରେ ୟୁପିଆଇର ବ୍ୟବହାର ନେଇ ସଚେତନତା ସୃଷ୍ଟି ଲାଗି ପରାମର୍ଶ ଦିଆଯାଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ୟୁପିଆଇ ମାଧ୍ୟମରେ ଦେୟ ଗ୍ରହଣ କରିବା ଦ୍ୱାରା ଏହା ସ୍ୱଚ୍ଛ ଓ ସ୍ୱଷ୍ଟ ହୋଇପାରିବ ।

## ପଶ୍ଚିମବଙ୍ଗ ଗଣଦୁଷ୍କର୍ମ

ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡ଼ିକାଲ କଲେଜରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଜାତୀୟ ମହିଳା ଆୟୋଗ ପଶ୍ଚିମବଙ୍ଗ ପୋଲିସକୁ ୫ ଦିନ ମଧ୍ୟରେ ରିପୋର୍ଟ ତଲବ କରିଛନ୍ତି । ସେହି କଲେଜରେ ପଢୁଥିବା ଓଡ଼ିଶାର ଜଣେ ଛାତ୍ରୀଙ୍କୁ ୩ଜଣ ବଳାତ୍କାର କରିଥିବାର ଅଭିଯୋଗ ହୋଇଥିଲା । ଏହି ଅପରାଧି ମାନଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ପଶ୍ଚିମବଙ୍ଗ ପ୍ରତିପକ୍ଷ ମମତା ବାନାର୍ଜୀଙ୍କୁ ଅନୁରୋଧ କରିଛନ୍ତି । ପୀଡିତା ଜଣକ କଲେଜ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ଏବଂ ପୋଲିସକୁ ତାଙ୍କର ବୟାନ ଦେଇଛନ୍ତି । ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା ବିଜୟା ରାହତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ

ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି । ଜାତୀୟ ମହିଳା କମିଶନ ଏହି ଘଟଣାର ନିଜଆଡ଼ୁ ତଦନ୍ତ ଆରମ୍ଭ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଜାତୀୟ ମହିଳା ଆୟୋଗ ଏନେଇ ସୂଚନା ଦେଇଛନ୍ତି । ଆୟୋଗ ସଦସ୍ୟ ଡକ୍ଟର ଅର୍ଚ୍ଚନା ମଜମୁଦାର ଗତକାଲି ଦୁର୍ଗାପୁର ଘରୋଇ ମେଡ଼ିକାଲ କଲେଜ ପରିଦର୍ଶନ କରିଥିଲେ । ଇତିମଧ୍ୟରେ ପଶ୍ଚିମବଙ୍ଗ ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଗିରଫ କରିଥିବା ଜଣାପଡିଛି ।

## କାନାଡା ଏଫ୍ଏମ୍ ଭିଜିଟ୍

କାନାଡାର ବୈଦେଶିକ ବ୍ୟାପାର ମନ୍ତ୍ରୀ ଅନିତା ଆନନ୍ଦ ଆଜି ସଂଧ୍ୟାରେ ୩ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିବେ । ସେ ଆସନ୍ତା କାଲି ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କରଙ୍କ ସହ ଆଲୋଚନା କରିବେ ଏବଂ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ମଧ୍ୟ ଭେଟିବେ । ବାଣିଜ୍ୟ ବିବିଧତା, ଶକ୍ତି ରୂପାନ୍ତରଣ ଏବଂ ସୁରକ୍ଷା ଭଳି ପ୍ରସଙ୍ଗରେ ରଣନୈତିକ ସହଯୋଗ ପାଇଁ ଏକ ଢ଼ାଞ୍ଚା ପ୍ରତିଷ୍ଠା କରିବା ଦିଗରେ ଉଭୟ ଦେଶ ଅଗ୍ରସର ହେବା ସମୟରେ ଏହି ବୈଠକ ଅନୁଷ୍ଠିତ ହେଉଛି । ଶ୍ରୀମତୀ ଆନନ୍ଦ ମୁମ୍ବାଇ ଗସ୍ତ କରି ସେଠାରେ କାନାଡା ଏବଂ ଭାରତରେ ନିବେଶ, ନିଯୁକ୍ତି ସୃଷ୍ଟି ଏବଂ ଆର୍ଥିକ ସୁଯୋଗକୁ ସମର୍ଥନ

କରିବା ଦିଗରେ କାର୍ଯ୍ୟ କରୁଥିବା କାନାଡ଼ା ଏବଂ ଭାରତୀୟ ଫାର୍ମଗୁଡ଼ିକ ସହିତ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ସେସେଲ୍ସ ପ୍ରେସିଡେନ୍‌ସିଆଲ ଇଲେକ୍ସନ

ସେସେଲ୍ସର ବିରୋଧୀଦଳ ନେତା ପ୍ୟାଟ୍ରିକ୍ ହର୍ମିନି ଦେଶର ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଛନ୍ତି । ସେ ବର୍ତ୍ତମାନର ନେତା ଓ୍ୱାଭେଲ ରାମ କଲଓ୍ୱାନଙ୍କୁ ଦ୍ୱିତୀୟ ପର୍ଯାୟ ଭୋଟ୍‌ରେ ପରାସ୍ତ କରିଛନ୍ତି । ହର୍ମିନିଙ୍କୁ ୫୨ ଦଶମିକ ୭ ପ୍ରତିଶତ ଭୋଟ୍ ମିଳିଥିବାବେଳେ ରାମ କଲଓ୍ୱାନ ୪୭ ଦଶମିକ ୩ ପ୍ରତିଶତ ଭୋଟ୍ ପାଇଛନ୍ତି । ହର୍ମିନି ୟୁନାଇଟେଡ୍ ସେସେଲ୍ସ ପାର୍ଟିର ପ୍ରତିନିଧିତ୍ୱ କରୁଛନ୍ତି, ଯାହା ୨୦୨୦ରେ କ୍ଷମତା ହରାଇବା ପୂର୍ବରୁ ୪ ଦଶନ୍ଧି ଧରି ଦେଶକୁ ନେତୃତ୍ୱ ଦେଇଥିଲା । ଗତମାସରେ ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ସଂସଦରେ ବହୁମତ ହାସଲ କରିବା ପରେ ହର୍ମିନିଙ୍କ ବିଜୟ ତାଙ୍କ ଦଳକୁ ସରକାର ଗଠନ ପାଇଁ କ୍ଷମତା ପ୍ରଦାନ କରୁଛି ।

ସେସେଲ୍ସରେ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର ପ୍ୟାଟ୍ରିକ ହର୍ମିନିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ମହାସାଗରର ଜଳ ଏକ ସହଭାଗି ଐତିହ୍ୟ ଏବଂ ଉଭୟ ରାଷ୍ଟ୍ରର ଲୋକଙ୍କ ଆକାଂକ୍ଷା ଏବଂ ଆବଶ୍ୟକତାକୁ ପୋଷଣ ପ୍ରଦାନ କରୁଛି । ଡକ୍ଟର ହର୍ମିନିଙ୍କ ରାଷ୍ଟ୍ରପତି କାର୍ଯ୍ୟକାଳ ମଧ୍ୟରେ ଭାରତ ଏବଂ ସେଚେଲ୍ସ ମଧ୍ୟରେ ସମନ୍ୱୟ ପରିକ୍ଷିତ ଓ

ବହୁମୁଖୀ ସମ୍ପର୍କ ଆହୁରି ଗଭୀର ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

## ପାକ୍-ଆଫଗାନ ବର୍ଡର କ୍ଲାସେସ

ରାଜଧାନୀ କାବୁଲ ସମେତ ଆଫଗାନିସ୍ତାନ ଅଞ୍ଚଳରେ ପାକିସ୍ତାନୀ ବିମାନ ଆକ୍ରମଣ କରିବା ପରେ ତାଲିବାନ ବାହିନୀ ୧୫ଜଣ ପାକିସ୍ତାନୀ ସୈନିକଙ୍କୁ ହତ୍ୟା କରିଛି ଏବଂ ଅନେକଙ୍କୁ ବନ୍ଦୀ କରିଛି । ପାକିସ୍ତାନୀ ସାମରିକ ପୋଷ୍ଟ ଉପରେ ତାଲିବାନଙ୍କୁ ଆକ୍ରମଣ ପରେ ଗତରାତିରେ ପାକିସ୍ତାନ-ଆଫଗାନିସ୍ତାନ ସୀମାରେ ତୀବ୍ର ସଂଘର୍ଷ ଆରମ୍ଭ ହୋଇଥିଲା । ହେଲମାଣ୍ଡ ପ୍ରଦେଶ ସରକାରଙ୍କ ମୁଖପାତ୍ର ମୌଲାଇ ମହମ୍ମଦ କାଶୀମ ରିଆଜ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ବରହମପୁର ଜିଲ୍ଲାରେ ଡୁରାଣ୍ଡ ରେଖା ନିକଟରେ ଆଫଗାନ ବାହିନୀ ଦ୍ୱାରା ଗତକାଲି ହୋଇଥିବା ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ ୧୫ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଛି ।

## ଚାଇନା-ୟୁଏସ୍ କ୍ଲାସ ଓଭର ତାରିଫ

ଚୀନ୍ ସାମଗ୍ରୀ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଇବା ନିଷ୍ପତ୍ତିକୁ ନେଇ ଚୀନ୍ ଆମେରିକାକୁ ସମାଲୋଚନା କରିଛି । ଓ୍ୱାଶିଂଟନର ଏହି

ପଦକ୍ଷେପକୁ ଚୀନ୍ ଦୋମୁହାଁ ନୀତି ବୋଲି କହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନଭେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହେବାକୁ ଥିବା ଅତିରିକ୍ତ ଶୁଳ୍କ ଘୋଷଣା କରିବା ପରେ ଚୀନ୍ ପକ୍ଷରୁ ଏହି ପ୍ରତିକ୍ରିୟା ପ୍ରକାଶ ପାଇଛି । ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସହ ଚଳିତମାସର ଶେଷଭାଗରେ ଏକ ଯୋଜନାବଦ୍ଧ ବୈଠକକୁ ବାତିଲ କରିବାକୁ ୱାଶିଂଟନ ଧମକ ଦେଇଛି । ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଚୀନ୍ ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଏଥିସହ ଜଡିତ ସାମଗ୍ରୀ ଉପରେ ରପ୍ତାନୀ ନିୟନ୍ତ୍ରଣ ପଦକ୍ଷେପ ଜାରି କରିଛି; ଯାହା ଚୀନ୍ ସରକାର ନିଜସ୍ୱ ରପ୍ତାନୀ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଧାରିବା ପାଇଁ ଆଇନ୍ ଏବଂ ନିୟମ ଅନୁଯାୟୀ ଗ୍ରହଣ କରିଥିବା ସାଧାରଣ ପଦକ୍ଷେପ ।

## ଇସ୍ରାଏଲ-ହମାସ ପିସ୍ ସମିଟ

ଗାଜାରେ ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ଚୁକ୍ତିନାମା ଚୂଡାନ୍ତ ଲକ୍ଷ୍ୟରେ ଆସନ୍ତାକାଲି ଇଜିପ୍ଟର ଲୋହିତସାଗର ରିସର୍ଟ ସାର୍ମ ଏଲ୍-ସେଖରେ ଏକ ଉଚ୍ଚସ୍ତରୀୟ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ । ଏନେଇ ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତାହ ଏଲ୍-ସିସି ଘୋଷଣା କରିଛନ୍ତି । ଇଜିପ୍ଟ ରାଷ୍ଟ୍ରପତି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଜାତିସଂଘ ମହାସଚିବ ଆଣ୍ଟୋନିଓ

ଗୁଟେରସଙ୍କ ସମେତ ୨୦ରୁ ଅଧିକ ଦେଶର ନେତା ଏକତ୍ରିତ ହେବେ । ଇଜିପ୍ଟ, କତାର, ତୁର୍କୀଏ ଏବଂ ଆମେରିକାର ମଧ୍ୟସ୍ଥତାରେ ଉଭୟପକ୍ଷ ମଧ୍ୟରେ ୩ଦିନ ଧରି ଚାଲିଥିବା ଆଲୋଚନା ପରେ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧବିରତି ଚୁକ୍ତି ଗତ ଶୁକ୍ରବାର ଦିନ କାର୍ଯ୍ୟକାରୀ ହୋଇଛି । ଯୋଜନାର ପ୍ରଥମ ପର୍ଯ୍ୟାୟରେ ଗାଜା ସହର, ରାଫା, ଖାନ୍ ୟୁନିସ୍ ଏବଂ ଉତ୍ତରରୁ ଇସ୍ରାଏଲୀ ସୈନ୍ୟ ପ୍ରତ୍ୟାହର, ସାହାଯ୍ୟ ପାଇଁ ୫ଟି କ୍ରସିଂ ଖୋଲିବା ଏବଂ ବନ୍ଧକ ଓ ବନ୍ଦୀମାନଙ୍କୁ ମୁକ୍ତ କରିବା ଆଦି ଅର୍ନ୍ତଭୁକ୍ତ ।

## ବିଜେପି ରାଜ୍ୟସଭା ଲିଷ୍ଟ

ଭାରତୀୟ ଜନତା ପାର୍ଟି ଜାମ୍ମୁ ଏବଂ କାଶ୍ମୀରରୁ ଆଗାମୀ ଦ୍ୱିବାର୍ଷିକ ରାଜ୍ୟସଭା ନିର୍ବାଚନ ପାଇଁ ୩ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି । ପ୍ରାର୍ଥୀମାନଙ୍କ ମଧ୍ୟରେ ଗୁଲାମ ମହମ୍ମଦ ମିର୍, ରାକେଶ ମହାଜନ ଏବଂ ସତପାଲ ଶର୍ମା ଅଛନ୍ତି । ଚଳିତମାସ ୨୪ ତାରିଖରେ କେନ୍ଦ୍ରଶାସିତ ଅଞ୍ଚଳ ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ।

## ଓ୍ୱେମେନ୍ କ୍ରିକେଟ

ଆଇସିସି ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍ ମ୍ୟାଚ୍‌ରେ ଆଜି ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ । ବିଶାଖାପାଟନମର

**ACA-VDCA** କ୍ରିକେଟ୍ ଷ୍ଟାଡିୟମରେ ଭାରତୀୟ ସମୟ ଅପରାହ୍ଣ ୩ଟାରେ ମ୍ୟାଚ୍ ଆରମ୍ଭ ହେବ ।

ପୂର୍ବରୁ ଭାରତ ଚଳିତ ବିଶ୍ୱକପ୍‌ରେ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଗୋଟିଏ ପରାଜୟ ସହ ୪ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ଥିବାବେଳେ ଅଷ୍ଟ୍ରେଲିଆ ୩ଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ୫ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି । ଉଭୟ ଦଳର ଖେଳାଳିମାନେ ଭଲ ଫର୍ମରେ ଥିବାରୁ ଆଜିର ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି କ୍ରୀଡ଼ାପ୍ରେମୀମାନେ ଆଶା କରୁଛନ୍ତି ।

## ଟେଷ୍ଟ କ୍ରିକେଟ୍

ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଖେଳାଯାଉଥିବା ଭାରତ-ୱେଷ୍ଟଇଣ୍ଡିଜ ଦ୍ୱିତୀୟ ତଥା ଚୂଡାନ୍ତ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ୍‌ରେ ସମସ୍ତ ୱିକେଟ୍ ହରାଇ ୨୪୮ରନ୍ କରି ଫଲୋଅନ୍‌ର ଶିକାର ହୋଇଛି । ଆଜି ୱେଷ୍ଟଇଣ୍ଡିଜ୍ ଗତକାଲିର ସ୍କୋର ୪ ୱିକେଟ୍ ବିନିମୟରେ ୧୪୦ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଥିଲା । ତେବେ କୌଣସି ଖେଳାଳି କ୍ରିଜ୍‌ରେ ବେଶୀ ସମୟ ତିଷ୍ଠି ପାରିନଥିଲେ । ଭାରତ ପକ୍ଷରୁ କୁଲଦୀପ ଯାଦବ ୫ଟି ୱିକେଟ୍ ନେଇଥିବାବେଳେ ରବୀନ୍ଦ୍ର ଜାଡେଜା ୩ଟି ୱିକେଟ୍ ଓ ବୁମ୍‌ରା ଏବଂ ସିରାଜ୍

ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଓ୍ୱେଷ୍ଟଇଣ୍ଡିଜ ଫଲୋଅନ୍‌ର ଶିକାର ହେବା ପରେ ତା'ର ଦ୍ୱିତୀୟ ଇନିଂସ୍‌ରେ ୧ ୱିକେଟ୍ ହରାଇ ୩୨ ରନ୍ ସଂଗ୍ରହ କରିଛି ।